୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday December 11 ଭୁବନେଶ୍ୱର ଗୁରୁବାର, ୧୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଇପିଏଫ ପେନସନ ଭୋଗିଙ୍କ ଦିଲ୍ଲୀ ସମାବେଶ




ନୂଆଦିଲ୍ଲୀ ,(ପି.ଏନ): ଜାତୀୟ ଇପିଏଫ ପେନସନର୍ସ ସଙ୍ଘ ଦ୍ୱାରା ଆୟୋଜିତ ଇପିଏଫ ପେନସନର୍ସ ମାନଙ୍କର ଧାରଣା ସମାବେଶ ଆଜି ଦିଲ୍ଲୀ ଯନ୍ତର ମନ୍ତର ଠାରେ ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସମ ଚିନ୍ତାଧାରା ସଂଘ ମାନଙ୍କ ମିଳିତ ପ୍ରୟାସରେ ଆୟୋଜିତ ଏହି ସମାବେଶ ପ୍ରକାଶ ଏଣ୍ଡେ, କେ.କନକ ରାଜ ଓ ଭାଗ୍ୟଧର ବ୍ରହ୍ମାଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଭୀମରାଓ ଡୁଙ୍ଗରେ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଉକ୍ତ ସମାବେଶରେ ଓଡିଶା ସମେତ କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୋଆ, ହରିୟାନା, ଉତରାଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ର , ତେଲେଙ୍ଗାନା, ତାମିଲନାଡୁ ଓ କେରଳ ଇତ୍ୟାଦି ତିରିଶ ଗୋଟି ରାଜ୍ୟ ମାନଙ୍କରୁ ପ୍ରାୟ ପାଂ ହଜାରରୁ ଉର୍ଦ୍ଧ ପ୍ରତିନିଧି ମାନେ ଯୋଗଦେଇଥିଲେ । ରାଷ୍ଟ୍ରୀୟ ଉପସଭାପତି ତଥା ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ନେତୃତ୍ୱରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ରାଜ୍ୟ ସଂଘର ବହୁ ପ୍ରତିନିଧି ଉକ୍ତ ଧାରଣା ଓ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି ସମାବେଶକୁ ସମ୍ବୋଧିତ କରିବା ଅବସରରେ ମହାରାଷ୍ଟ୍ର ଓ କେରଳ ତଥା ଅନ୍ୟାନ୍ୟ ରାଜ୍ୟର ସାଂସଦ ମାନେ ଉଦବୋଧନ ଦେଇ ପେନସନର୍ସ ମାନଙ୍କ ଏହି ଦାବିକୁ ଦୃଢ ସମର୍ଥନ ଜଣାଇବା ସହ ସଂସଦରେ ଉପସ୍ଥାପନ କରିବାକୁ ପ୍ରତିଶୃତି ଦେଇଥିଲେ । ଇପିଏଫ ପେନସନର୍ସ ମାନଙ୍କ ସମସ୍ୟା ପ୍ରତି କେନ୍ଦ୍ର ସରକାରଙ୍କ ଉଦାସୀନତା ଓ କ୍ରମାଗତ ଅବହେଳାକୁ ଉପସ୍ଥିତ ବକ୍ତାମାନେ ନିନ୍ଦା କରିବା ସହ ଏବାବଦରେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ଅର୍ଥ ମନ୍ତ୍ରୀ ଓ ଶ୍ରମ ମନ୍ତ୍ରୀ ତଥା ବିରୋଧି ଦଳ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ସଦୟ ପ୍ରତିଶୃତି ପ୍ରଦାନ କରିଥିଲେ । ସଂଗଠନର ପ୍ରମୁଖ କର୍ମକର୍ତା ଏଆଇସିସି ଇପିଏଫ ପେନସନର୍ସ ଆସୋସିଏସନର ସାଧାରଣ ସମ୍ପାଦକ ଅତୁଲ ଦିଘେ, ଏନସିଆର ସଂଘର ଅଧ୍ୟକ୍ଷ ଗୁରୁମୁଖ ସିଂ,ଏମ. ଜନାର୍ଦ୍ଦନ ରେଡ୍ଡୀ, ଦାଦା ଟୋକାରାମ ଯୋଡ଼ ?, ସିବିଟି ସଭ୍ୟ ଆର. କର୍ମାନୁଆଲ, ଏଆଇଟିୟୁସି ର ଜାତୀୟ ସାଧାରଣ ସମ୍ପାଦିକା ଅମରଜିତ କାଉଲ ତଥା ଅନ୍ୟ ରାଜ୍ୟ ମାନଙ୍କର ପ୍ରମୁଖ ବରିଷ୍ଠ ନେତୃତ୍ୱ ମାନେ ଉଦବୋଧନ ଦେଇ ଦାବି ପୂରଣ ନହେଲେ ଆଗାମୀ ଦିନରେ ସମଗ୍ର ଭାରତ ବର୍ଷରେ ଆନ୍‌ଦୋଳନକୁ ତୀବ୍ରତର କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଆସୋସିଏସନର ଓଡିଶା ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାଶ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ଉପ ସଭାପତି ଗୀତାଞ୍ଜଳି ପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ. ଓଡିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ଅଧ୍ୟକ୍ଷ ତଥା ପେନସନର୍ସ ଆସୋସିଏସନର ଉପସଭାପତି ସରୋଜ କାନ୍ତ ମଲ୍ଲିକ , ଉପ ସଭାପତି ବିକ୍ରମ କୁମାର ଛୋଟରାୟ ଓ ଖୋର୍ଦ୍ଧା ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ପଟ୍ଟନାୟକ ପ୍ରମୁଖ ସମାବେଶର ନେତୃତ୍ୱ ନେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କୃଷ୍ଣ ଚନ୍ଦ୍ର ସାହୁ, ଉର୍ବଶୀ ମିଶ୍ର, ପ୍ରଶାନ୍ତ କୁମାର ପଟ୍ଟନାୟକ, ମାୟାଧର ନାୟକ, ଗଗନ ବିହାରୀ ପାଇକରାୟ, ବସନ୍ତ କୁମାର ଦାଶ ଓ ଏ. ଭେଙ୍କଟ ରମଣ ପ୍ରମୁଖ ଉପସ୍ଥିତ ଥିଲେ । ୪ ଦଫା ପ୍ରମୁଖ ଦାବି ଯଥା ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତା ପ୍ରଦାନ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ହାରରେ ତୁରନ୍ତ ପେନସନ ପ୍ରଦାନ ,ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଦାବି ନେଇ ଏହି ଧାରଣା ସମାବେଶ ଆୟୋଜନ କରାଯାଇଥିଲା ।

# ବେଦାନ୍ତ ଲାଞ୍ଜିଗଡ଼ ପକ୍ଷରୁ ଛାତ୍ରବୃତି ପୁରସ୍କାର ଅଧୀନରେ ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲର ସଫଳତାକୁ ସ୍ୱୀକୃତି




ଭବାନୀପାଟଣା,(ପି.ଏନ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଶିକ୍ଷା ଏବଂ ଯୁବ ସଶକ୍ତିକରଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଲାଞ୍ଜିଗଡ଼ର ଡିଏଭି ବେଦାନ୍ତ ଇ[ରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନକୁ ସ୍ୱୀକୃତି ପ୍ରଦାନ କରିଛି । ବେଦାନ୍ତ ଛାତ୍ରବୃତି ପୁରସ୍କାର ଅଧୀନରେ ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ ୨୨ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ଲାଞ୍ଜିଗଡ଼ର ଗୋଷ୍ଠି ଉନ୍ନୟନ ଅଧିକାରୀ (ବିଡିଓ) ଶ୍ରୀ ଅନିମେଶ ପ୍ରଧାନ (ଆଇଏଏସ୍) ଯୋଗ ଦେଇଥିଲେ । ଛାତ୍ରବୃତି ପଦକ୍ଷେପ ଭାବେ ୯୦%ରୁ ଅଧିକ ନମ୍ବର ହାସଲ କରିଥିବା ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଟପ୍ପରମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ କୌଣସି ବିଷୟରେ ୯୦% ରୁ ଅଧିକ ନମ୍ବର ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୫୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଟପ୍ପରମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରତ୍ୟେକଙ୍କୁ ୮୦୦୦ ଟଙ୍କା ସହିତ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ଏହି ଅବସରରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଶିକ୍ଷା ହେଉଛି ଏକ ପ୍ରଗତିଶୀଳ ସମାଜ ପାଇଁ ସବୁଠାରୁ ଶକ୍ତିଶାଳୀ ମୂଳଦୁଆ । ବେଦାନ୍ତ ଛାତ୍ରବତି ପୁରସ୍କାର ମାଧ୍ୟମରେ, ଆମେ ଉତ୍କର୍ଷତାକୁ ସ୍ୱୀକୃତି ଦେବା, ଲକ୍ଷ୍ୟ ହାସଲ ପାଇଁ ଅନୁପ୍ରାଣିତ କରିବା ଏବଂ ଯୁବ ମସ୍ତିଷ୍କକୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ । ଏହି ଛାତ୍ରଛାତ୍ରୀମାନେ କଳାହାଣ୍ଡି କ୍ଷେତ୍ରର ଭବିଷ୍ୟତକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଯାତ୍ରାର ଅଂଶବିଶେଷ ହୋଇଥିବାରୁ ଆମେ ଗର୍ବିତ । ଲାଞ୍ଜିଗଡ଼ ବିଡିଓ ଶ୍ରୀ ଅନିମେଶ ପ୍ରଧାନ ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହିତ ଏହାକୁ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ସେ କହିଥିଲେ, ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବା ଲାଗି ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶିକ୍ଷାକୁ ସମର୍ଥନ କରିବାରେ ବେଦାନ୍ତ ଲାଞ୍ଜିଗଡ଼ର ନିରନ୍ତର ପ୍ରୟାସ ଏକ ଅର୍ଥପୂର୍ଣ୍ଣ ପରିବର୍ତନ ଆଣୁଛି । ମୁଁ ସମସ୍ତ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଉଛି । ବେଦାନ୍ତ ଛାତ୍ରବୃତି ପଦକ୍ଷେପ ବେଦାନ୍ତ ଲାଞ୍ଜିଗଡ଼ର ବ୍ୟାପକ ସାମାଜିକ ବିକାଶ ପ୍ରୟାସର ଏକ ଅଂଶ, ଯାହାର ଉଦ୍ଦେଶ୍ୟ ହେଉଛି ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସମର୍ଥନ କରିବା ଏବଂ ଏହି ଅଂଚଳରେ ବିକାଶ ପାଇଁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା । ବେଦାନ୍ତ ଲାଞ୍ଜିଗଡ଼ ଦ୍ୱାରା ସ୍ଥାପିତ ଡିଏଭି ବେଦାନ୍ତ ଇଂଟରନ୍ୟାସନାଲ ସ୍କୁଲ ହେଉଛି ଏହି ଅଂଚଳର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଯାହା ଶିକ୍ଷାଦାନର ଶୂନ୍ୟସ୍ଥାନ ପୂରଣ କରିବା ଏବଂ ଗ୍ରାମୀଣ ଯୁବକମାନଙ୍କ ମଧ୍ୟରେ ଆକାଂକ୍ଷାକୁ ଜାଗ୍ରତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଅତ୍ୟାଧୁନିକ ଭିତିଭୂମି, ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ଏବଂ କମ୍ପ୍ୟୁଟର ପରୀକ୍ଷାଗାର ଏବଂ ଏକ ଶିକ୍ଷଣ ପରିବେଶ ସହିତ, ବିଦ୍ୟାଳୟ ଆଜି ପ୍ରାୟ ୧୪୦୦ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରୁଛି ଯେଉଁଥିରେ ଅଧିକାଂଶ ହେଉଛନ୍ତି ସ୍ଥାନୀୟ ଅଂଚଳର । ବର୍ଷ ବର୍ଷ ଧରି, ଏହା ଶିକ୍ଷାଗତ ପରିବର୍ତନର ଏକ ଆଲୋକବର୍ତିକା ପାଲଟିଯାଇଛି, ଯାହା ସାକ୍ଷରତା ସ୍ତରରେ ଉଲ୍ଲେଖନୀୟ ବୃଦ୍ଧିରେ ଯୋଗଦାନ ଦେଇଛି- ୨୦୦୧ ରେ ୩୮.୪% ରୁ ୨୦୧୧ ରେ ୫୯.୨୨% , ଏବଂ ଛାତ୍ରଛାତ୍ରୀମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ପରିବର୍ତନର ନେତୃତ୍ୱ ନେବାକୁ ପ୍ରେରଣା ଦେଇଛି ।

# ଗଜପତି: ସରକାରୀ ଜମି ଜବରଦଖଲ କରିଥିବା ୪ ପରିବାରଙ୍କୁ ଉଚ୍ଛେଦ ପାଇଁ ପ୍ରଶାସନର ନୋଟିସ୍



ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବାଘଶାଳା ପଂଚାୟତ ଅନ୍ତର୍ଗତ ସାତମାଇଲ ଛକରେ କିଛି ଲୋକେ ସରକାରୀ ଜାଗା ଜବରଦଖଲ କରିଥିବାକୁ ନେଇ ଉଚ୍ଛେଦ ନିମନ୍ତେ ପ୍ରଶାସନ ପକ୍ଷରୁ ୪ ଗୋଟି ପରିବାରକୁ ନୋଟିସ୍ ଜାରି କରାଯାଇଛି । ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ସମେତ ପ୍ରଶାସନିକ ଅଧିକାରୀ ଓ ଗୁରାଣ୍ଡି ପୋଲିସ ପହଂ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍ ପ୍ରଦାନ କରିଛନ୍ତି । ମାସକ ମଧ୍ୟରେ ନିଜ ନିଜ ନିର୍ମାଣଧିନ ଘରଗୁଡିକୁ ଛାଡିଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି ଏକମାସ ମଧ୍ୟରେ ଏମାନେ ଘର ଖାଲି ନକରନ୍ତି ତେବେ ପ୍ରଶାସନପକ୍ଷରୁ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି । ତେବେ ଏପରି ନୋଟିସ୍ ପାଇବା ପରେ ସେହି ୪ଟି ପରିବାରବର୍ଗ ବେସାହାରା ହେବାକୁ ନେଇ ଛାନିଆ ହୋଇପଡିଛନ୍ତି । ସାତମାଇଲ ଛକ ଗ୍ରାମରେ ଏମାନେ ବର୍ଷ ବର୍ଷ ଧରି ରହିଆସୁଥିବାର ପ୍ରକାଶ କରିଛନ୍ତି । ଏପରିକି ଏମାନେ ପକ୍କାଘର ପାଇଁ ଲକ୍ଷ ଲକ୍ଷ ଟଙ୍କା ଧାର କରଜ କରି ଘର ନିର୍ମାଣ କରିଥିବାର ଜଣାଇଛନ୍ତି । ଏପରି ବର୍ଷ ବର୍ଷ ଧରି ରହିବା ପରେ ଏବେ ପ୍ରଶାସନ ତତ୍ପର ହୋଇ ଉଠି ଆମ୍ଭଙ୍କୁ ଉଠାଇଦେଉଛି ବୋଲି କହିଛନ୍ତି । ଅପରପକ୍ଷେ ଉଚ୍ଛେଦ ତାଲିକାରେ ଥିବା ଗୁଲାବି ମୁଳି ପରିବାରଙ୍କୁ ଆବାସିକ ଯୋଜନାରେ ସାମିଲ କରାଯାଇ ପକ୍କାଘର ନିର୍ମାଣ କରି ଦିଆଯାଇଥିବାର ଜଣାଇଛନ୍ତି । ଯଦି ଜବରଦଖଲ ହୋଇଥାନ୍ତା ତେବେ ଆବାସିକ ଯୋଜନା ମେଳିଲା କେମିତି ବୋଲି ଅଂଚଳରେ ଚର୍ଚ୍ଚା ଜୋର୍ ଧରିଛି । ସେହିପରି ଟି. ସୁନୀଲ, ସୁରେଶ ମୁଳି ଓ ଜହନ ନାୟକ କହିଛନ୍ତି ଯେ ଆମ୍ଭ ? ବହୁ ଗରୀବ ପରିବାର । ପେଟପାଟଣା ପାଇଁ କମାର ଶାଳ, ଅଟୋଚାଳକ ଏବଂ ଛୋଟିଆ ଦୋକାନ କରି ଗୁଜାରଣ ମେଂଔଉଛୁ । ତେଣୁ ସରକାର ଆମ୍ଭଙ୍କୁ ଘର ପାଇଁ ବ୍ୟବସ୍ଥା କରିଲେ ଉପକୃତ ହେବୁ ବୋଲି ଜଣାଇଛନ୍ତି ।

# ଗଜପତିରେ ପୁଣି ଦାଦନ ଯନ୍ତ୍ରଣା : ଗୋଆରେ ଗଜପତିର ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ପାରଳାଖେମୁଣ୍ଡି,(ପି.ଏନ): ଗଜପତିରେ ପୁଣି ଦାଦନ ଶ୍ରମିକଙ୍କ ଯନ୍ତ୍ରଣା ଲକ୍ଷ୍ୟ କରାଯାଇଛି । ଗୋଆରେ ଗଜପତିର ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି. ଏହି ଶ୍ରମିକଙ୍କୁ କୌଣସି ବ୍ୟକ୍ତି ଜାଣିଶୁଣି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଅଭିଯୋଗ ଆଣିଛନ୍ତି ଗୋଆରେ କାର୍ଯ୍ୟରତ କିଛି ଜଣ ଶ୍ରମିକ. ସୂଚନା ମୁତାବକ ମୋହନା ଥାନା ଅନ୍ତର୍ଗତ ଲିଲିଗଡ଼ ପଂାୟତ ଅଧିନ ଡ଼ ?ଙ୍ଗାଆମ୍ବ ଗ୍ରାମର ଜୟ ମଲିକ(୧୮)ଦାଦନ ଖଟିବାକୁ ଗୋଆ ଯାଇଥିଲେ । ପୁରୁଣା ଗୋଆରେ ରହିଥିବା ସାମ୍ବାର ରେଷ୍ଟୁରେ[ରେ ସପ୍ଲାଏର ଭାବେ ଦେଢ଼ ବର୍ଷ ହେଲା କାର୍ଯ୍ୟ କରୁଥିଲେ । ଗତ ଶୁକ୍ରବାର ପରିବାର ଲୋକଙ୍କ ସହିତ ଜୟ କଥାବାର୍ତା ମଧ ହୋଇଥିବା ବେଳେ ଶନିବାର ଦଶଟା ବେଳେ ଜୟ ଗାଧୁଆ ଘରେ ଆତ୍ମହତ୍ୟା କରିଥିବା ମାଲିକ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ଘଟଣା ସଂପର୍କରେ ବାପା ସନ୍ୟା ମଲିକ ଜାଣିବାକୁ ଚାହିଁବାରୁ ରେଷ୍ଟୁରାଂଟ ମାଲିକ ମୋ ସହିତ କଥା ନ ହୋଇ ପୁରୁଣା ଗୋଆ ଥାନା ପୁଲିସ ସହିତ କଥା ହେବାକୁ କହି ଫୋନ କାଟି ଦେଇଥିଲେ । ପରିବାର ଲୋକଙ୍କ ଅଭିଯୋଗ ପ୍ରକାରେ ହସ୍ତଗତ ହୋଇଥିବା ଫୋଟରେ ଜୟ ଗାଧୁଆ ଘରେ ବସିଥିବା ଅବସ୍ଥାରେ ତାଙ୍କ ବେକରେ ଗୋଟିଏ ବେଡସିଟ୍ ବନ୍ଧାଯାଇ ଥିବା ଓ ପାଣି ନଳରେ ଅନ୍ୟ ଏକ ପାର୍ଶ୍ୱ ବନ୍ଧାଯାଇ ଥିବାର ଦେଖି ଘର ଲୋକେ ଜୟକୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଗାଧୁଆ ଘରେ ତାକୁ ବସାଇ ଦେଇଥିବା ଅଭିଯୋଗ ଆଣିଛନ୍ତି । ତାଙ୍କ ପରିବାର ଲୋକେ ଗରୀବ ଆଦିବାସୀ ଶ୍ରେଣୀର ଅଟନ୍ତିଛ ଚାଷକରି ଜିବୀକା ନିର୍ବାହ କରନ୍ତି । ୩ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ଜୟ ଥିଲେ ରୋଜଗାରକ୍ଷମ ପୁଅ । ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି । ଏଣୁ ପରିବାରଙ୍କୁ ପ୍ରସାଶନ ପକ୍ଷରୁ ଆର୍ଥୀକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି । ପୁରୁଣା ଗୋଆ ପୁଲିସ ଷ୍ଟେସନରେ ୬୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ବ୍ଲକ ପ୍ରଶାସନ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତକଙ୍କ ପରିବାରଙ୍କୁ ୩ହଜାର ଟଙ୍କା ଦିଆଯାଇଥିବା ବେଳେ ଜିଲ୍ଲା ରେଡ଼କ୍ରସ ପକ୍ଷରୁ ସହାୟତା ଯୋଗାଇ ଦିଆଯିବ ବୋଲି ବିଡ଼ିଓ ରାଜୀବ ଦାସ ସୂଚନା ଦେଇଛନ୍ତି ।

# ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ ବିଶ୍ୱସ୍ତରରେ ପହଂଚାଇବା ପାଇଁ ଆହ୍ୱାନ



ଖୋର୍ଦ୍ଧା : ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ ଓ ତିତୀକ୍ଷା ବିଶ୍ୱସ୍ତରରେ ପହଂଚାଇବାକୁ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି । ସାଗ୍ରାମୀ ନାରାୟଣ ସ୍ମୃତି ପରିଷଦ ତରଫରୁ ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍ ହଲ୍ ପରିସରରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଣ୍ଡିତ ମିଶ୍ରଙ୍କ ଲବଣ ସତ୍ୟାଗ୍ରହ ଠାରୁ ଆରମ୍ଭ କରି ଅସହଯୋଗ ଆନ୍ଦୋଳନରେ ରହିଥିବା ସଂପୃକ୍ତି ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ବକ୍ତା ଭାବରେ ଅଖିଳ ଭାରତ ଅଧିବକ୍ତା ପରିଷଦର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବି ଅଜିତ କୁମାର ପଟ୍ଟନାୟକ କହିଲେ ଆମ ଇତିହାସରେ କୌଣସି ସଂଗ୍ରାମୀ ତଥା ଶହୀଦ୍ ମାନଙ୍କ ବିଷୟରେ ପଢାଯାଉନଥିବାରୁ ଆମେ ଆଜି ଆମର ବଳିଦାନ ଦେଇଥିବା ମହାପୁରୁଷ ମାନଙ୍କୁ ଜାଣିପାରୁ ନାହୁଁ । ସେଥିପାଇଁ କ୍ଷୋଭ ପ୍ରକାଶ କରି ଇତିହାସର ପୁନର୍ଲିଖନ ଆଜିର ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅଖିଳ ଚକ୍ର ଓଡିଶାର ସଂପାଦକ ହରେକୃଷ୍ଣ ପଣ୍ଡା ପଣ୍ଡିତ ମିଶ୍ର ବରି ଆଶ୍ରମରେ ରହି କିଭଳି ବିଭିନ୍ନ ସ୍ୱାଧୀନତାର ବାର୍ତା ପ୍ରଚାରରେ ଅଗ୍ରସର ହୋଇଥିଲେ ସେ ସଂପର୍କରେ ଅବତାରଣା କରିଥିଲେ । ବିଶିଷ୍ଟ ଶକ୍ଷାବିତ୍ ଡକ୍ଟର ନିରଂଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଜୟୀରାଜରୁରୁ ସ୍ମୃତି ସଂସଦର ରାଜ୍ୟ ସଭାପତି ତଥା ସ୍ମୃତି ପରିଷଦର ରାଜ୍ୟ ସଂପାଦକ ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରତିପାଦନ କରିବା ସହିତ ସ୍ୱାଗତ ଭାଷଣ ଦେଇ କହିଲେ ଜୟୀ ରାଜଗୁରୁ ବଳିଦାନ ଦିବସ ଡିସେମ୍ବର ୬ ଠାରୁ ସଂଗ୍ରାମୀ ନାରାୟଣ ମିଶ୍ର ଜୟନ୍ତୀ ଡିସେମ୍ବର ୯ ପର୍ଯ୍ୟନ୍ତ ଦୀର୍ଘ ଚାରିଦିନ ଧରି 'ସ୍ୱାଧୀନତା ସଂଗ୍ରିମୀ ସ୍ମୃତି ସମାରୋହ' ଆସନ୍ତା ବର୍ଷଠାରୁ କରାଯିବା ପାଇଁ ଆହ୍ୱାନ ଦେଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray